# NATIONAL NEWS BULLETIN (ODIA)

## 16 September - 2025

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ବିହାର, ପଶ୍ଚିମବଙ୍ଗ ଓ ଆସାମରେ ଅନୁପ୍ରବେଶ ରୋକିବା ଲାଗି ଦୃଢ଼ ପଦକ୍ଷେପ ନେଉଛନ୍ତି ସରକାର, କହିଲେ ପ୍ରଧାନମନ୍ତ୍ରୀ ।
- ୨୦୨୫-୨୬ ଆକଳନ ବର୍ଷ ନିମନ୍ତେ ଆୟକର ଦାଖଲ ସମୟସୀମା ଆଜି ରାତି ୧୨ଟା ଯାଏଁ ବୃଦ୍ଧି ।
- ନୂଆଦିଲ୍ଲୀରେ ଆଜି ନିଶାନିବାରଣ ଟାସ୍କଫୋର୍ସ୍‌ର ମୁଖ୍ୟମାନଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ସ୍ୱଚ୍ଛ ଶକ୍ତି ଓ ଗତିଶୀଳତାକୁ ପ୍ରାଧାନ୍ୟ ଦେଇ ବିଶ୍ୱର ପ୍ରମୁଖ କେନ୍ଦ୍ର ପାଲଟିବାକୁ ଯାଉଛି ଭାରତ ।

ଏବଂ

- ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ୟୁ.ଏ.ଇ. ବିଜୟୀ ।

– ଆଜି ବାଂଲାଦେଶ-ଆଫ୍‌ଗାନିସ୍ତାନ ମଧ୍ୟରେ ମୁକାବିଲା ।

# ବିହାର-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ସରକାର ବିହାର, ପଶ୍ଚିମବଙ୍ଗ ଏବଂ ଆସାମରେ ଅନୁପ୍ରବେଶକାରୀଙ୍କୁ ରୋକିବା ଲାଗି ପ୍ରତିବଦ୍ଧ ଅଛନ୍ତି । ଗତକାଲି ବିହାରର ପୁର୍ଣ୍ଣିଆ ସ୍ଥିତ ଶିଶାବାଡ଼ି ଠାରେ ଆୟୋଜିତ ଏକ ସାଧାରଣସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସୀମାଞ୍ଚଳ ଏବଂ ପୂର୍ବ ଭାରତରେ ବେଆଇନ୍ ଅନୁପ୍ରବେଶକାରୀଙ୍କ ଯୋଗୁଁ ଜନସଂଖ୍ୟାରେ ଏକ ଅଭୁତପୂର୍ବ ପରିବର୍ତ୍ତନ ଦେଖାଦେଇଛି । ସେ ଏହି ବିଷୟ ଗତ ଅଗଷ୍ଟ ୧୫ରେ ଲାଲ୍‌କିଲାରୁ କହିଥିବା ମନେ ପକାଇ ଦେଇଥିଲେ । ବେଆଇନ୍ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ବିରୋଧି ମେଣ୍ଟକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଆଗାମୀ ଦିନରେ ବେଆଇନ୍ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରଧାନମନ୍ତ୍ରୀ ବିହାର ଗସ୍ତ ଅବସରରେ ଗତକାଲି ୪୦ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ନବନିର୍ମିତ ପୁର୍ଣ୍ଣିଆ ବିମାନ ବନ୍ଦର, ଭାଗଲପୁରରେ ୨୪ଶହ ମେଗାୱାଟ୍ ବିଶିଷ୍ଟ ଶକ୍ତି ପ୍ରକଳ୍ପ, କୋଟି-

ମେସି ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ପ୍ରକଳ୍ପ ଓ ରେଳ ପ୍ରକଳ୍ପ ରହିଛି ।

## ସିବିଡିଟି-ଆଇଟିଆର୍ ଏକ୍ସଟେନ୍‌ସନ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷ କରବୋର୍ଡ୍ ସି.ବି.ଡି.ଟି. ଆକଳନ ବର୍ଷ ୨୦୨୫-୨୬ ନିମନ୍ତେ ଆଜି ଗୋଟିଏ ଦିନ ପାଇଁ ଆୟକର ଦାଖଲ ସମୟସୀମା ବୃଦ୍ଧି କରିଛନ୍ତି । ଗତକାଲି ଏହାର ଶେଷ ତାରିଖ ଥିଲା । ଗୋଟିଏ ଦିନ ଅବଧି ବୃଦ୍ଧି ପାଇବା ନେଇ ଗତ ରାତିରେ ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି । ଫଳରେ ଆଜି ରାତି ୧୨ଟା ପର୍ଯ୍ୟନ୍ତ ଆୟକର ଦାଖଲ କରାଯାଇପାରିବ । ପ୍ରଥମେ ଆୟକର ଦାଖଲର ସମୟସୀମା ଚଳିତ ବର୍ଷ ଜୁଲାଇ ୩୧ ତାରିଖ ଥିବା ବେଳେ ଏହାକୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ସୂଚନା ଅନୁଯାୟୀ ୨୦୨୫-୨୬ ଆକଳନ ବର୍ଷ ଲାଗି ୭ କୋଟିରୁ ଅଧିକ ଆୟକର ଦାଖଲ ହୋଇଥିବା ବିଭାଗ କହିଛି ।

## ଶାହା-ଆଣ୍ଟିନାର୍କୋଟିକ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ନିଶାନିବାରଣ ଟାସ୍କଫୋର୍ସ୍‌ର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମୁଖ୍ୟଙ୍କ ଦ୍ୱିତୀୟ ଜାତୀୟ

ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ସମ୍ମିଳନୀ ଉଦ୍ଦେଶ୍ୟ ହେଉଛି – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଶା ମୁକ୍ତ ଭାରତ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି – ମିଳିତ ସଂକଳ୍ପ, ସହଭାଗି ଦାୟିତ୍ୱ ।

ଏହି ଦୁଇଦିନିଆ ସମ୍ମିଳନୀରେ ଦେଶରେ ନିଶା କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଉପାୟ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରାଯିବ । ୨୦୪୭ ସୁଦ୍ଧା ନିଶାମୁକ୍ତ ଭାରତ ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ସମ୍ମିଳନୀରେ ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ନିଶାଦ୍ରବ୍ୟ ନିରୋଧି ଟାସ୍କଫୋର୍ସ୍ ମୁଖ୍ୟ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେବେ । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋର ବାର୍ଷିକ ରିପୋର୍ଟ୍ ଉନ୍ମୋଚନ କରିବେ ।

## ଶିବରାଜ-ରବି ଅଭିଯାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, କୃଷକ ଏବଂ ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଓ ସରକାରଙ୍କ ଦୃଢ଼ ନୀତି ଫଳରେ ଦେଶର କୃଷି କ୍ଷେତ୍ରରେ ୩ ଦଶମିକ୍ ୭ ପ୍ରତିଶତ

ଅଭିବୃଦ୍ଧି ଘଟିଛି ଏବଂ ଏହା ବିଶ୍ୱରେ ସର୍ବାଧିକ । ଗତକାଲି ନୂଆଦିଲ୍ଲୀରେ ଜାତୀୟ କୃଷି ସମ୍ମିଳନୀ ରବି ଅଭିଯାନ ୨୦୨୫କୁ ଉଦ୍‌ଘାଟନ କରି ଶ୍ରୀ ଚୌହାନ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ଭାବେ କୃଷି ଓ କୃଷକମାନଙ୍କ ବହୁବିଧ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି, କୀଟନାଶକ, ସାର ଏବଂ ବିହନ କ୍ଷେତ୍ରରେ ଯେଉଁମାନେ କଳାବଜାରି କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି – 'ଗୋଟିଏ ଦେଶ-ଗୋଟିଏ କୃଷି ଏବଂ ଗୋଟିଏ ଗୋଷ୍ଠୀ' ।

## ଆଇଜିଏନ୍‌ସିଏ-ମନ୍‌କି ବାତ୍

ନୂଆଦିଲ୍ଲୀରେ ଆଜିଠାରୁ ଇନ୍ଦିରା ଗାନ୍ଧି ଜାତୀୟ କଳାକେନ୍ଦ୍ର ମନ୍ କି ବାତ୍ ସମ୍ପର୍କିତ ଏକ ପ୍ରଦର୍ଶନୀର ଆୟୋଜନ କରୁଛି । ପ୍ରଫେସର ରିଚା କାମ୍ବୋଜଙ୍କ ଦିଗ୍‌ଦର୍ଶନରେ ଏହି ପ୍ରଦର୍ଶନୀରେ ବରିଷ୍ଠ ଚିତ୍ରଶିଳ୍ପୀ ମନ୍‌ଜୀତ ସିଂହଙ୍କ  ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍ ଉପରେ ପର୍ଯ୍ୟବେଶିତ ଚିତ୍ରକଳା ସ୍ଥାନ ପାଇବ । ଆସନ୍ତାକାଲିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଏହି ପ୍ରଦର୍ଶନୀ ଖୋଲା ରହିବ ।

# ସେବା ପର୍ବ – ଏନର୍ଜି

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ଦେଶରେ ନବୀକରଣ ଏବଂ ସ୍ୱଚ୍ଛ ଶକ୍ତିରେ ସକାରାତ୍ମକ ପରିବର୍ତ୍ତନ କ୍ଷେତ୍ରରେ ମୋଦି ସରକାରଙ୍କ ଭୂମିକା ସମ୍ପର୍କରେ :

ଗତ ଦଶନ୍ଧି ଧରି ଭାରତର ଶକ୍ତି କ୍ଷେତ୍ର ଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ଦ୍ରୁତ କ୍ଷମତା ଅଭିବୃଦ୍ଧି, ସୌର ଏବଂ ପବନ ଶକ୍ତି କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ଏବଂ ସ୍ୱଚ୍ଛ ଓ ଆତ୍ମନିର୍ଭରଶୀଳ ଶକ୍ତି ଦ୍ୱାରା ପରିଚାଳିତ ଭବିଷ୍ୟତ ଆଡ଼କୁ ଭାରତ ଗତି କରୁଛି । ସ୍ୱଚ୍ଛ ଶକ୍ତି କେବଳ ଅଙ୍ଗାରକ ନିର୍ଗମନ କରୁନାହିଁ ବରଂ ସବୁଜ ନିଯୁକ୍ତି ସୃଷ୍ଟି କରୁଛି । ଯାହାଫଳରେ ଶକ୍ତି ଉପଲବ୍ଧତାରେ ଦେଶରେ ଉନ୍ନତି ହେବା ସହ ଭାରତ ଆଜି ଏ କ୍ଷେତ୍ରରେ ବିଶ୍ୱର ପ୍ରମୁଖ ଦେଶ ଭାବେ ଉଭା ହୋଇଛି । ଗତ ମାସରେ ଗୁଜରାଟର ହଂସଲ ପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛ ଶକ୍ତି ଏବଂ ସ୍ୱଚ୍ଛ ଗତିଶୀଳତାକୁ ପ୍ରାଧାନ୍ୟ ଦେଇ ଭାରତ ବିଶ୍ୱରେ ପ୍ରମୁଖ କେନ୍ଦ୍ର ପାଲଟିବାକୁ ଯାଉଥିବା କହିଥିଲେ ।

୨୦୧୪ ମାର୍ଚ୍ଚରୁ ୨୦୨୫ ଜୁନ୍ ପର୍ଯ୍ୟନ୍ତ ଦେଶରେ ନବୀକରଣୀୟ ଶକ୍ତି କ୍ଷମତା ତିନି ଗୁଣ ବୃଦ୍ଧି ପାଇ ୨୨୬ ଦଶମିକ୍ ୮ ଗିଗାୱାଟ୍‌ରେ ପହଞ୍ଚିଛି । ନବୀକରଣୀୟ ଏବଂ ପରମାଣୁ ସମେତ ଅଣଜୀବାଶ୍ମ ଇନ୍ଧନ

ଉତ୍ସ ଗୁଡ଼ିକ ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ୪୯ ପ୍ରତିଶତ ପୂରଣ କରିଥାନ୍ତି । ସୌର ଶକ୍ତି ଉତ୍ପାଦନ ୧ ଲକ୍ଷ ୮ ହଜାର ଗିଗାଓ୍ୱାଟ୍‌କୁ ବୃଦ୍ଧି ପାଇ ବିଶ୍ୱର ତୃତୀୟ ବୃହତ୍ ସୌର ଶକ୍ତି ଉତ୍ପାଦନ କରି ଜାପାନ୍‌କୁ ଅତିକ୍ରମ କରିଛି । ପି.ଏମ୍. କୁଶୁମ୍ ଯୋଜନାରେ ସୌର ପମ୍ପ ଚାଷୀମାନଙ୍କୁ ସଶକ୍ତ କରିଥିବା ବେଳେ ପି.ଏମ୍. ସୂର୍ଯ୍ୟଘର ଯୋଜନାରେ ଏକ କୋଟି ଲୋକଙ୍କୁ ପ୍ରଥମ ପର୍ଯ୍ୟାୟରେ ଘର ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ସହ ୩୦ ଗିଗାଓ୍ୱାଟ୍ ଆବାସୀକ ସୌର ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ଉତ୍ତରପ୍ରଦେଶର ବାରାଣସୀରେ ଆସିଆନ୍‌ସି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ନାଗରିକମାନଙ୍କୁ ନିଜ ଘର ଛାତ ଉପରେ ସୌର ପ୍ୟାନେଲ୍ ଲଗାଇବା ଲାଗି ଆହ୍ୱାନ ଦେଇଛନ୍ତି ।

ପ୍ରତ୍ୟେକ ନୂଆ ସୌର ପ୍ୟାନେଲ୍‌ର ବ୍ୟବହାର ସହ ଭାରତ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ମାର୍ଗ ଉନ୍ମୁକ୍ତ କରୁଛି ।

## ସାବରିମାଳା

କେରଳର ପାହାଡ଼ି ମନ୍ଦିର ସାବରିମାଳା ଆଜି ସନ୍ଧ୍ୟାରେ ଖୋଲାଯିବ । ଆସନ୍ତାକାଲି ଭୋର୍ ସମୟରୁ ମାସିକ ପ୍ରାର୍ଥନା ବିଧି ଆରମ୍ଭ ହେବ । ୬ ଦିନ ପରେ ସେପ୍ଟେମ୍ବର ୨୧ ଦିନ ମନ୍ଦିର ପୁଣି ବନ୍ଦ ରହିବ । ଏହି ସମୟରେ ମନ୍ଦିର ବୋର୍ଡ୍ ଦ୍ୱାରା ପ୍ଲାଟିନମ୍ ଜୁବ୍‌ଲି ପାଳନର ଅଂଶ

ଭାବରେ ସେପ୍ଟେମ୍ବର ୨୦ ତାରିଖରେ ବିଶ୍ୱ ଆୟୁର୍ବେଦ ସଙ୍ଗମମ୍ ପାଳନ କରିବାକୁ ଯୋଜନା କରାଯାଇଛି ।

## ଜିଏସ୍‌ଟି

ଏବେ ଶୁଣନ୍ତୁ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ନେଇ ସ୍ୱତନ୍ତ୍ର ରିପୋର୍ଟ –

## ଜିଏସ୍‌ଟି-ଏଗ୍ରିକଲଚର୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ଆରମ୍ଭ କରି ବୃହତ୍ ଶିଳ୍ପ ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୫ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ

ଟିକସ ହାର ବହୁ ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର କୃଷି କ୍ଷେତ୍ରରେ ବ୍ୟାପକ ରିହାତି ପ୍ରଦାନ କରିଛନ୍ତି । ୧୮୦୦ ସି.ସି.ରୁ କମ୍ ଶକ୍ତି ବିଶିଷ୍ଟ ଟ୍ରାକ୍ଟର ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଟାୟାର୍, ଟ୍ୟୁବ୍, ହାଇଡ୍ରୋଲିକ୍ ପମ୍ପ ଏବଂ ଅନ୍ୟାନ୍ୟ ଉପକରଣ ଉପରେ ମଧ୍ୟ ଜି.ଏସ୍.ଟି. ହାରକୁ ୧୮ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଅନ୍ୟ ପକ୍ଷରେ ଜି.ଏସ୍.ଟି. ପରିଷଦ ନିର୍ଦ୍ଧାରିତ ଜୈବ କିଟନାସକ ଏବଂ ଜଳସେଚନ କ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ଉପରେ ଜି.ଏସ୍.ଟି. ହାରକୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଜି.ଏସ୍.ଟି. ପରିଷଦ ବୈଠକରେ ସମଜଡ଼ିତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି । ଯାହାଫଳରେ କୃଷି ଏବଂ କୃଷି କ୍ଷେତ୍ର ଗୁଡ଼ିକ ଅଧିକ ଲାଭ ପାଇପାରିବେ । ଏହି ପରିବର୍ତ୍ତନ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଅଧିକ ଲାଭାନ୍ୱିତ କରିବ । ଅନ୍ୟ ପକ୍ଷରେ କୃଷି କ୍ଷେତ୍ରରେ ମଧ୍ୟ ଖର୍ଚ୍ଚ କାଟ୍ କରାଯାଇପାରିବ ବୋଲି କୁହାଯାଇଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟରଂଜନ ମିଶ୍ର ।

# ଏସିଆକପ୍ କ୍ରିକେଟ୍

ଏସିଆକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟ୍‌ରେ ହଂକଂକୁ ପରାସ୍ତ କରିଛି । ୧୫୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି  ଶ୍ରୀଲଙ୍କା ୭ଟି ବଲ୍ ବାକିଥାଇ ୬ ୱିକେଟ୍ ବିନିମୟରେ ୧୫୩ରନ୍‌ର ସଂଗ୍ରହ କରିଥିଲା । ଶ୍ରୀଲଙ୍କାର ନିଶାଙ୍କ ୪୮ଟି ବଲ୍‌ରୁ ୬୮ରନ୍ ସ୍କୋର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ହଂକଂ ୪ ୱିକେଟ୍ ବିନିମୟରେ ୧୪୯ରନ୍ ସ୍କୋର କରିଥିଲା ।

ଆବୁଧାବିର ଜାୟଦ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ୟୁ.ଏ.ଇ. ୪୨ରନ୍‌ରେ ଓମାନ୍‌କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ୟୁ.ଏ.ଇ. ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୭୨ରନ୍ ସ୍କୋର କରିଥିଲା । ଏହାର ଜବାବରେ ଓମାନ୍ ୧୮ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୩୦ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆଜି ଏହି ଶୃଙ୍ଖଳାରେ ଆବୁଧାବିରେ ଭାରତୀୟ ସମୟ ରାତି ୮ଟାରେ ବାଂଲାଦେଶ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।